SATURDAY
18 JUNE
2022

The Statesman

Pages 12 | ₹ 5.00 | LC
KOLKATA | NEW DELHI | SILIGURI | BHUBANESWAR

www.thestatesman.com
FIND US ONLINE Scan this with your smartphone
twitter.com/TheStatesmanLtd
facebook.com/thestatesman1875
PEOPLE'S PARLIAMENT, ALWAYS IN SESSION

# Month long activities ahead of Yoga Day at CUO

**STATESMAN NEWS SERVICE**


**KORAPUT, 17 JUNE:**
The Central University of Odisha, Koraput has made extensive preparations for observance of the International Day of Yoga on 21st June 2022 with a yoga session, lecture on Yoga for Humanity by Dr A R Mahapatra of Ramkrishna Mission with a more than a month long preparation with different activities among students and staff.

The University conducted different activities in the campus including Yoga workshop for students on 11 May 2022; essay competition in Odia, English and Hindi with the topic 'Covid19 and relevance of Yoga in facing the challenges' among the students on 25-27 May 2022; a quiz competition on Yoga for non-teaching staff on 13 June 2022.

The University organized a programme on 'Yoga Session with Expert' on 16-17 June 2022 in its campus at Sunabeda for non-teaching staff and research scholars, said a release issued by the varsity on Friday.

ସକାଳ
THE SAKALA
Jeypore - 18 Jun 2022 - Page 6

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତିକ ଯୋଗ ଦିବସ ପ୍ରସ୍ତୁତି




କୋରାପୁଟ, ୧୭।୬(ସମିସ)

ସୁନାବେଡ଼ା ସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଆସନ୍ତା ଜୁନ୍ ୨୧ରେ ଆନ୍ତର୍ଜାତିକ ଯୋଗ ଦିବସ ପାଳନ ପାଇଁ ବ୍ୟାପକ ପ୍ରସ୍ତୁତି ଜାରି ରହିଛି । ଜୁନ ୧୬ ରୁ ଦୁଇଦିନିଆ ଯୋଗ ଅଧିବେଶନ ଆରମ୍ଭ ହୋଇଥିବା ବେଳେ ଯୋଗଗୁରୁଙ୍କ ସହ ଯୋଗ ଅଧିବେଶନ ଉପରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଆର୍ଟ ଅଫ୍ ଲିଭିଂର ଯୋଗ ବିଶେଷଜ୍ଞ ଜୟ କୁମାର ପ୍ରଧାନ ଏହି ଅଧିବେଶନ ପରିଚାଳନା କରିଥିଲେ । ଯୋଗ ଅଧିବେଶନର ସଫଳ ସମାପ୍ତି ପାଇଁ ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତ କୁମାର ପଳିତା ଶୁଭେଚ୍ଛା ଜଣାଇଥିଲେ । ଜୁନ୍ ୨୧ରେ ଆନ୍ତର୍ଜାତୀୟ ଯୋଗ ଦିବସ ପୂର୍ବରୁ ଛାତ୍ରଛାତ୍ରୀ ଏବଂ କର୍ମଚାରୀଙ୍କ ମଧ୍ୟରେ ଯୋଗ ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତା ସହ ଯୋଗ କର୍ମଶାଳା ଗତ ଏକ ମାସରୁ ଅଧିକ ସମୟ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଅସିତ କୁମାର ଦାସ ଉଦ୍‌ଘାଟନ କରିଥିଲେ । ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଏହି ଅଧିବେଶନକୁ ପରିଚାଳନା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏଥିରେ ବିଭିନ୍ନ ଯୋଗ ଆସନର ଅଭ୍ୟାସ କରାଯାଇଥିଲା । ବିଶ୍ୱ ବିଦ୍ୟାଳୟର ଉପ କୁଳସଚିବ ପ୍ରଭାରି ମାନସ କୁମାର ଦାସ ଧନ୍ୟବାଦ ଦେଇଥିଲେ । ଶିବରାମ ପାତ୍ର ଏବଂ ଜିତେନ୍ଦ୍ର କୁମାର ପଣ୍ଡା ଲଜିଷ୍ଟିକ୍ ବ୍ୟବସ୍ଥାକୁ ସମନ୍ୱୟ କରିଥିଲେ ।

102 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2021-2023

- Koraput, Saturday 18 June 2022
- କୋରାପୁଟ, ଶନିବାର ୧୮ ଜୁନ୍ ୨୦୨୨
- ଆଜି ମିଥୁନ ୪ ଦିନ, ୧୪୨୯ ସାଲ
- ଜ୍ୟେଷ୍ଠ ୨୮ ଦିନ, ୧୯୪୪ ଶକାବ୍ଦ, କୃଷ୍ଣପକ୍ଷ ପଞ୍ଚମୀ
- ଭାଗ- ୯୩ ସଂଖ୍ୟା- ୧୬୫
- www.thesamaja.com
  www.samajaepaper.com
  www.samajalive.in

ଟ ୭.୦୦ (୧୪ ପୃଷ୍ଠା)

# ସମାଜ
The Samaja®
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
PRINTED AT CUTTACK, SAMBALPUR, BALESWAR, JEYPORE


## ରାଜ୍ୟସ୍ତରୀୟ ପ୍ରତିଯୋଗିତା

ଲୋକସେବକ ମଣ୍ଡଳ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୪ତମ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ପ୍ରତି ବର୍ଷପରି ଚଳିତ ବର୍ଷ ମଧ୍ୟ ରାଜ୍ୟସ୍ତରୀୟ ବକ୍ତୃତା ଓ ଆବୃତ୍ତି ପ୍ରତିଯୋଗିତା ଆୟୋଜନ କରାଯିବ। ଏଥିରେ ୭ମ ଓ ୮ମ ଶ୍ରେଣୀ ଛାତ୍ରଛାତ୍ରୀ କନିଷ୍ଠ ଏବଂ ୯ମ ଓ ୧୦ମ ଶ୍ରେଣୀର ଛାତ୍ରଛାତ୍ରୀ ବରିଷ୍ଠ ବିଭାଗରେ ଭାଗନେଇ ପାରିବେ। ଉକ୍ତ ପ୍ରତିଯୋଗିତା ଚଳିତ ମାସ ଜୁନ୍ ୨୮ ତାରିଖ ଦିନ ଗୋପବନ୍ଧୁ ଭବନ, ବକ୍ସିବଜାର, କଟକସ୍ଥିତ 'ସମାଜ' କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ।

୧. ବରିଷ୍ଠ ବିଭାଗ ବକ୍ତୃତା ଓ କନିଷ୍ଠ ବିଭାଗର ଆବୃତ୍ତି : ପୂର୍ବାହ୍ଣ ୧୦ ଘଟିକା
୨. କନିଷ୍ଠ ବିଭାଗ ବକ୍ତୃତା ଓ ବରିଷ୍ଠ ବିଭାଗର ଆବୃତ୍ତି : ଅପରାହ୍ଣ ୨ ଘଟିକା

ବକ୍ତୃତା ବିଭାଗର ବିଷୟ ବସ୍ତୁ ଦୁଇଘଣ୍ଟା ପୂର୍ବରୁ ପ୍ରକାଶିତ ହେବ।
ଏଥିରେ ଅଂଶ ଗ୍ରହଣ କରିବାକୁ ଚାହୁଁଥିବା ଛାତ୍ରଛାତ୍ରୀ ସେମାନଙ୍କ ଅଧ୍ୟୟନରତ ଶ୍ରେଣୀର ପରିଚୟପତ୍ର ଓ ସମ୍ପୂର୍ଣ୍ଣ ଡାକଠିକଣା ଆମ Whatsapp No. 8093453930 ରେ ପଠାଇବା ପାଇଁ ଅନୁରୋଧ। ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀଙ୍କୁ ଚଳିତ ମାସ ୨୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧୋତ୍ସବରେ ପୁରସ୍କୃତ କରାଯିବ।

*ଲୋକସେବକ ମଣ୍ଡଳ, ଓଡ଼ିଶା*

# ଆନ୍ତର୍ଜାତୀୟ ଯୋଗ ଦିବସ ପାଇଁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପ୍ରସ୍ତୁତି

ସୁନାବେଡା,୧୭।୬(ନିପ୍ର)-ଆସନ୍ତା ୨୧ ଜୁନରେ ହେବାକୁ ଥିବା ଆନ୍ତର୍ଜାତୀୟ ଯୋଗ ଦିବସକୁ ସୂଚାରୁ ରୂପେ ପାଳନ କରିବା ପାଇଁ ସୁନାବେଡାସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। କର୍ଣ୍ଣାଟକର ମହୀଶୂରଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଭିଭାଷଣ ଲାଇଭ ଷ୍ଟ୍ରିମିଙ୍ଗ ସେହିଦିନ ସକାଳ ୬.୪୦ରୁ ୭ଟା ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ପରିସରରେ ଉପଲବ୍ଧ କରାଯିବା ପାଇଁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ସକାଳ ୭ଟା ପରେ ଯୋଗ ଅଧିବେଶନ ଆରମ୍ଭ ହେବ। ଏହାପରେ 'ମାନବିକତା ପାଇଁ ଯୋଗ' ଶୀର୍ଷକ ଏକ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କୋରାପୁଟ ଜିଲାର ପ୍ରତିଷ୍ଠିତ ଶିକ୍ଷାବିତ, ପ୍ରଚାରକ ତଥା ରାମକୃଷ୍ଣ ମିଶନର ପ୍ରତିଷ୍ଠାତା ଡକ୍ଟର ଅମୂଲ୍ୟ ରଞ୍ଜନ ମହାପାତ୍ର ସ୍ୱତନ୍ତ୍ର ବକ୍ତୃତା ପ୍ରଦାନ କରିବାର କାର୍ଯ୍ୟକ୍ରମ ରଖାଯାଇଛି। ଆନ୍ତର୍ଜାତୀୟ ଯୋଗ ଦିବସ ନିମନ୍ତେ ପୂର୍ବରୁ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଏବଂ ଯୋଗ କର୍ମଶାଳା ହୋଇସାରିଛି। ୧୬ରୁ ୧୭ ତାରିଖ ମଧ୍ୟରେ ଯୋଗ ଗୁରୁଙ୍କ ସହଯୋଗ ଅଧିବେଶନ ଉପରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆର୍ଟ ଅଫ ଲିଭିଙ୍ଗର ଯୋଗ ବିଶେଷଜ୍ଞ ଜୟ କୁମାର ପ୍ରଧାନ ଅଧିବେଶନ ପରିଚାଳନା କରିଥିଲେ। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତ କୁମାର ପାଳିତା କାର୍ଯ୍ୟକ୍ରମର ସଫଳ ସମାପ୍ତି ପାଇଁ ଶୁଭକାମନା ଜଣାଇଥିଲେ। କୁଳସଚିବ ପ୍ରଫେସର ଅସିତ କୁମାର ଦାସ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ବିଶ୍ୱବିଦ୍ୟାଳୟ ଲୋକ ସମ୍ପର୍କ ଅଧିକାରୀ ଡକ୍ଟର ଫଗୁନାଥ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପ-କୁଳସଚିବ ପ୍ରଭାରୀ ମାନସ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଜିତେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

ପ୍ରମେୟ
THE PRAMEYA
PRAMEYA @ 10 YEARS
PRINTED AT BHUBANESWAR SAMBALPUR PANIKOILI JEYPORE
RNI REGD NO: ODIODI/2011/37619 - POSTAL REGD NO: BN/208/18-20
ବର୍ଷ ୧୨ । ସଂଖ୍ୟା ୪୮
୧୮ ଜୁନ୍ ୨୦୨୨ । ଶନିବାର
16 PAGES | ₹7.00
VOLUME 12 | ISSUE 48
18 JUNE 2022 | SATURDAY
www.prameya.com prameyaodia prameyaodia

ନୂପୁରଙ୍କୁ ଖୋଜୁଛି ମୁମ୍ବାଇ ପୁଲିସ



# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଯୋଗ ଦିବସ




କୋରାପୁଟ,୧୭।୬(ଆପ୍ର): ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଠାରେ ଆସନ୍ତା ୨୧ ତାରିଖରେ ବିଶ୍ୱ ଯୋଗଦିବସ ପାଳନ ନେଇ ପ୍ରସ୍ତୁତି କରାଯାଇଛି । ସେହିଦିନ କର୍ଣ୍ଣାଟକ ମହୀସୂର ଠାରୁ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣର ଲାଇଭ୍ ଷ୍ଟ୍ରିମିଂ ବ୍ୟବସ୍ଥା କରାଯିବ ବୋଲି ସୂଚନା ଦିଆଯାଇଛି । ପରେ ଯୋଗ ଅଧିବେଶନ ଆରମ୍ଭ ହେବ । ଏହି ଅବସରରେ ମାନବିକତା ପାଇଁ ଯୋଗ ଶୀର୍ଷକ ଏକ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମରେ ରାମକୃଷ୍ଣ ମିଶନ ପ୍ରତିଷ୍ଠାତା ଡ.ଅମୂଲ୍ୟରଞ୍ଜନ ମହାପାତ୍ର ଯୋଗଦେଇ ବକ୍ତୃତା ପ୍ରଦାନ କରିବେ । ଏଥିପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଥିବା ବେଳେ ଗୁରୁବାର ଓ ଶୁକ୍ରବାର ଦୁଇଦିନ ଧରି ବିଶ୍ୱବିଦ୍ୟାଳୟ ପରିସରରେ ଯୋଗ ଅଧିବେଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆର୍ଟ ଅଫ୍ ଲିଭିଂର ଯୋଗ ବିଶେଷଜ୍ଞ ଜୟକୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତକୁମାର ପଲିତା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ । କୁଳସଚିବ ପ୍ରଫେସର ଅସିତକୁମାର ଦାସ, ଜନସମ୍ପର୍କ ଅଧିକାରୀ ଡ.ଫଗୁନାଥ ଭୋଇ, ମାନସକୁମାର ଦାସ, ଶିବରାମ ପାତ୍ର, ଜିତେନ୍ଦ୍ରକୁମାରେ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।